## ଆଜି କ'ଣ କେଉଁଠି

ଭଦ୍ରକ
- ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା, ଧାମନଗର ସରକାରୀ ଉଚ୍ଚବିଦ୍ୟାଳୟ ପରିସର।

## ବୋଟ୍‌ର କର୍ମଚାରୀ ନିଖୋଜ

**ଚାନ୍ଦବାଲି,୨୬।୧୧(ଡି.ଏନ.ଏ.):** ଭଦ୍ରକ ଜିଲା ଧାମରା ଅଞ୍ଚଳରେ ଏକ ବୋଟରେ ରୋଷେଇଆ ଭାବେ କାମ କରୁଥିବା ବଳଭଦ୍ର ପ୍ରସାଦ ଗାଁର ହାରାଧନ ମଣ୍ଡଳ ସୋମବାରଠାରୁ ନିଖୋଜ ଅଛନ୍ତି। ତାଙ୍କ ପୁଅ ପୃଥ୍ୱିରାଜ ଏ ନେଇ ଧାମରା ମେରାଇନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୋମବାର ସକାଳେ ଏହି ବୋଟ୍ ମାଛ ଧରିବାକୁ ସମୁଦ୍ରକୁ ଯାଇଥିଲା। ସେଥିରେ ଅନ୍ୟ କର୍ମଚାରୀଙ୍କ ସହିତ ହାରାଧନ ଥିଲେ। ମଙ୍ଗଳବାର ବୋଟ୍ ମାଲିକଙ୍କ ପୁଅ ପାଖରୁ ହାରାଧନ ନିଖୋଜ ଥିବା ଖବର ମିଳିଥିଲା। ମେରାଇନ ଥାନାରେ ଅଭିଯୋଗ ହେବା ପରେ ପୋଲିସ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

### ■ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଭଦ୍ରକ ଜିଲା ଗସ୍ତ ଓ କାର୍ଯ୍ୟ ନିରୀକ୍ଷଣ

# ବକେୟା ମାମଲା ଫଇସଲା ଉପରେ ଗୁରୁତ୍ୱ

**ଭଦ୍ରକ ଅଫିସ,୨୬।୧୧**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ ମଙ୍ଗଳବାର ଅପରାହ୍ନରେ ଭଦ୍ରକ ଜିଲା ଗସ୍ତ କରିବା ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗର କାର୍ଯ୍ୟ ନିରୀକ୍ଷଣ କରିଥିଲେ। ଜିଲାର ରାଜସ୍ୱ ସମ୍ପର୍କିତ ତଥ୍ୟ ଓ ବକେୟା ମାମଲା ଅନୁଧ୍ୟାନ କରିବା ସହ ସେଗୁଡ଼ିକର ତୁରନ୍ତ ଫଇସଲା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଜିଲାର ରାଜସ୍ୱ ଆଦାୟକୁ ତ୍ୱରାନ୍ୱିତ କରାଯିବା ସହିତ ଧାର୍ଯ୍ୟଲକ୍ଷ୍ୟ ହାସଲ ଶତ ପ୍ରତିଶତ କରାଯିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏଣୁ ଜିଲାସ୍ତରୀୟ ଅଧିକାରୀମାନେ ବିଭିନ୍ନ ବ୍ଲକ, ତହସିଲ, ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ଗୁଡ଼ିକୁ ନିୟମିତ ବ୍ୟବଧାନରେ ଗସ୍ତ କରି ସମୀକ୍ଷା କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ।

ଅନ୍ୟପକ୍ଷେ ଠିକ୍ ଭାବେ ଅଡିଟ୍‌ର ପାରା ଗୁଡ଼ିକୁ ଅନୁଧ୍ୟାନ କରି ପଦକ୍ଷେପ ନେବା, ନିୟମିତ ପଦୋନ୍ନତି କମିଟି ବସାଇ କର୍ମଚାରୀଙ୍କୁ ପଦୋନ୍ନତି ଦେବା, ବିଭିନ୍ନ କର୍ମଚାରୀଙ୍କ ନାମରେ ଥିବା ମାମଲାଗୁଡ଼ିକର ଶୀଘ୍ର ଫଇସଲା କରିବାକୁ ସେ କହିଥିଲେ। ୫-ଟି ଆଧାରରେ ଅଧିକାରୀମାନେ କାର୍ଯ୍ୟ ନିର୍ବାହ କରିବା ସହ ମୋ ସରକାର କାର୍ଯ୍ୟକ୍ରମରେ ରୋଗୀଙ୍କୁ ଭଲ ବ୍ୟବହାର, ଉତ୍ତମ ଖାଦ୍ୟ, ନିରାମୟ ଔଷଧ ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିପ୍ରତି ଜିଲା ପ୍ରଶାସନ ଅଗ୍ରାଧିକାର ଦେବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲାପାଳ ପୀତାମ୍ବର ସାମଲଙ୍କ ସମେତ ଡେପୁଟି କଲେକ୍ଟର, ସହକାରୀ ଜିଲାପାଳ, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତଥିଲେ।

# ପଲିଥିନ ବଦଳରେ ଶାଳପତ୍ର ଠୁଙ୍ଗାରେ ଲାଗି ହେଲା ଭୋଗ

**ଆରଡି, ୨୬।୧୧(ଡି.ଏନ.ଏ.)**

ଭଦ୍ରକ ଜିଲାର ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡିକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ପ୍ରୟାସ ଜାରି ରହିଛି। ସୋମବାରଠାରୁ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲଗାଯିବା ପରେ ମଙ୍ଗଳବାରଠାରୁ ଭୋଗ ଦୋକାନୀମାନେ ପ୍ଲାଷ୍ଟିକ ଥଳି ବଦଳରେ ଶାଳପତ୍ର ନିର୍ମିତ ଠୁଙ୍ଗା ତିଆରି କରି ବାଙ୍କ ପାଖରେ ନୈବେଦ୍ୟ ଅର୍ପଣ କରୁଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ପୂର୍ବାହ୍ଣରେ ଆରଡିରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଜିଲା ଜଜ କୋର୍ଟର ବିଚାରପତି ଏସ.କେ. ରଥ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ତାଙ୍କ ସହ ଭଦ୍ରକ ଉପଜିଲାପାଳ ତଥା ମ୍ୟାନେଜିଂ ଟ୍ରଷ୍ଟି ପୀତାମ୍ବର ସାମଲ ସମାରୋହରେ ଯୋଗ ଦେଇଥିଲେ।

ଆରଡି ବସ୍‌ଷ୍ଟାଣ୍ଡରୁ ସରପଞ୍ଚ ଅରବିନ୍ଦ ପାଢୀଙ୍କ ନେତୃତ୍ୱରେ ପଞ୍ଚାୟତର ଶହଶହ ବ୍ୟକ୍ତି, ଅଙ୍ଗନଓ଼ାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଆଖଣ୍ଡଳମଣି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ଥାନୀୟ ବାବାମଣି ଡିଗ୍ରୀ କଲେଜ, ଆଖଣ୍ଡଳମଣି ମହାବିଦ୍ୟାଳୟର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଜନସଚେତନତା ସୃଷ୍ଟି କରିଥିଲେ। ଆରଡି ପୀଠକୁ ପ୍ଲାଷ୍ଟିକ ମୁକ୍ତ ରଖିବା ଲାଗି ସ୍ଥାନୀୟ ଜନସାଧାରଣ, ବ୍ୟବସାୟୀ ଓ ଶ୍ରଦ୍ଧାଳୁମାନଙ୍କର ସହଯୋଗ ଆବଶ୍ୟକ ବୋଲି ଉଦ୍‌ଘାଟକ କହିଥିଲେ। ପୀଠକୁ କେବଳ ପ୍ଲାଷ୍ଟିକ ମୁକ୍ତ ନୁହେଁ ଏହାକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ସମସ୍ତେ ଶପଥ ନେବା ଆବଶ୍ୟକ ବୋଲି ଉପଜିଲାପାଳ କହିଥିଲେ। ଧୂଷୁରୀ ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂ, ଆରଡି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ, ଆରଡି ରାଜସ୍ୱ ନିରୀକ୍ଷକ ଦେବାଶିଷ ରାୟ, ଜିଆରଏସ ସତ୍ୟ ରଞ୍ଜନ ପତି, ଆରଡି ସମିତି ସଭ୍ୟା ସବିତା ପାଢୀ, ବିଜୟ କୁମାର ଦାଶ, ଆଶିଷ ପାଢୀ, ଗିରିଶ ପାଢୀ, ସଞ୍ଜୟ ପାଢୀ, ବିଭୂତି ପାଢୀ ପ୍ରମୁଖ ପ୍ଲାଷ୍ଟିକମୁକ୍ତ ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ସାଙ୍ଗକୁ ଏହି ପୀଠକୁ ଅଳିଆ ମୁକ୍ତ କରିବାକୁ ଏହି ଅବସରରେ ଲୋକେ ସଂକଳ୍ପ ନେଇଥିଲେ। ସ୍ଥାନୀୟ ଅଞ୍ଚଳବାସୀ ଏ ପ୍ରକାର ଜନସଚେତନତା କାର୍ଯ୍ୟକ୍ରମକୁ ସ୍ୱାଗତ କରଛନ୍ତି।

## ଜିଲାସ୍ତରୀୟ ଭିନ୍ନକ୍ଷମଙ୍କ କ୍ରୀଡ଼ା

**ଭଦ୍ରକ ଅଫିସ,୨୬।୧୧:** ଜିଲା ପ୍ରଶାସନ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ପ୍ରତ୍ୟେକ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଭିନ୍ନକ୍ଷମ ଛାତ୍ରୀଛାତ୍ର ଏଥିରେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କୁ ଜୁନିୟର ବାଳିକା ଓ ବାଳକ ଏବଂ ସିନିୟର ବାଳିକା ଓ ବାଳକ ବର୍ଗରେ ବିଭକ୍ତ କରାଯାଇ ୬ଟି ବିଭାଗରେ ୨୪ ପ୍ରକାର ପ୍ରତିଯୋଗିତା କରାଯାଇଥିଲା।

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଭାରପ୍ରାପ୍ତ ଜିଲାପାଳ ତଥା ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏଭଳି କ୍ରୀଡା ପ୍ରତିଯୋଗିତା ମାଧ୍ୟମରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କର ଶାରୀରିକ ଓ ମାନସିକ ବିକାଶ ହୋଇପାରିବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର କୁମାର ଦେହୁରୀ, ଜିଲା କ୍ରୀଡା ଅଧିକାରୀ ମନୋଜ କୁମାର ଦାସ, ସିଆର୍‌ଏସ୍‌ଆର ସଙ୍ଗଠନର ସମ୍ପାଦକ ଭଗବାନ ପରିଡ଼ା, ଅବସରପ୍ରାପ୍ତ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଗଜେନ୍ଦ୍ର କୁମାର ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜିଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୩ ତାରିଖ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସରେ ପୁରସ୍କୃତ କରାଯିବ।

## ଉତ୍ତେଜନା ପ୍ରବଣ ବୁଥ୍‌ରେ ସିସିଟିଭି ଲଗାଇବାକୁ ଦାବି

**ଚାନ୍ଦବାଲି,୨୬।୧୧(ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ତେନ୍ତୁଲିଡ଼ିହି ପଞ୍ଚାୟତରେ ଉପନିର୍ବାଚନ ପାଇଁ ସୋମବାର ପ୍ରଚାର ଶେଷ ହୋଇଛି। ତେବେ ବିଳମ୍ବିତ ରାତିରେ କେତେକ ଯୁବକ ଗାଁ ଗାଁ ବୁଲି ଭୋଟରଙ୍କୁ ଭୟଭୀତ କରିବା ସହ ଧମକ ଚମକ ଦେଇଥିବା ନେଇ ଭାଜପା ଅଭିଯୋଗ କରିଛି। ଏ ନେଇ ନିର୍ବାଚନ କମିଶନର ଓ ଏସପିଙ୍କ ନିକଟରେ ଅଭିଯୋଗ କରାଯାଇଥିବା ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଉପନିର୍ବାଚନକୁ ଅବାଧ ଓ ନିରେପକ୍ଷ କରିବା ପାଇଁ ଅଧିକ ପୋଲିସ ମୂତୟନ,ଉତ୍ତେଜନା ପ୍ରବଣ ବୁଥ୍‌ରେ ସିସିଟିଭି ଲାଗାଇବାକୁ ଭାଜପା ନେତା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ପ୍ରତାପ ଧଳ, କମଳାକାନ୍ତ ସୂତାର, ଲଳାଟେନ୍ଦୁ ରାୟ, କାହ୍ନୁ ବେହେରା ପ୍ରମୁଖ ଦାବି କରିଥିଲେ।



















www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ବୁଧବାର, ନଭେମ୍ବର ୨୭/୨୦୧୯ Balasore, Wednesday, November 27/2019

# ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗ ଠାବ, କାର୍ ଜବତ

## ୪୦୦ ଗ୍ରାମ୍ ସ୍ୱର୍ଣ୍ଣ ଅଳଙ୍କାର, ଚୋରି ବାଇକ୍ ଉଦ୍ଧାର

### ବନ୍ଧୁକ ଦେଖାଇ ଗହଣା ଲୁଟ୍ ଘଟଣା

**ରୂପ୍ସା/ବସ୍ତା, ୨୬।୧୧(ଡି.ଏନ.ଏ./ସ୍ୱ.ପ୍ର.)**

ବାଲେଶ୍ୱର ସଦର ବ୍ଲକ ରୂପ୍ସା ଥାନା ତାହାରପୁର ଗ୍ରାମର ଗହଣା ଦୋକାନୀ ମୃତ୍ୟୁଞ୍ଜୟ ଗିରିଙ୍କ ଗହଣା ଦୋକାନରୁ ୩୦ଲକ୍ଷ ଟଙ୍କାର ସୁନା, ରୁପା ଅଳଙ୍କାର ଲୁଟ୍ ଘଟଣାର ପର୍ଦ୍ଦାଫାଶ ହୋଇଛି। ବସ୍ତା ଥାନା ଆଇଆଇସି ଧନେଶ୍ୱର ସାହୁ ଯୋଜନା ପ୍ରସ୍ତୁତ କରି ଏହି ଘଟଣାରେ ସମ୍ପୃକ୍ତ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗକୁ ଧରିବାରେ ସମର୍ଥ ହୋଇଛନ୍ତି। ଏନେଇ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଜଳନ୍ଧର ଜାଲି ଓ ଆଇଆଇସି ସାହୁ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି। ଏକ ସ୍ୱତନ୍ତ୍ର ଟିମ୍ ସହ ଚଢ଼ାଉ କରାଯାଇ ବସ୍ତା ଥାନା ମନ୍ଦୁଢ଼ିହା ଗ୍ରାମର ମୁଖ୍ୟ ଅଭିଯୁକ୍ତ ଦେବେନ୍ଦ୍ର ଦାସ, ଗଞ୍ଜାମ ଜିଲା ଆସ୍କା ଅଞ୍ଚଳର ତିରୁମାଲା ପାତ୍ର ଓ ଜି. ବଲରାଜୁ ଆଚାର୍ଯ୍ୟଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨ଟି ମୋବାଇଲ୍, ଏକ ଦାମୀ କାର୍ (ନଂ. ଓଡ଼ି୦୨ବିଜି-୧୩୭୫) ଜବତ କରାଯାଇଛି।



ଗିରଫ ଅଭିଯୁକ୍ତ, ଉଦ୍ଧାର ସ୍ୱର୍ଣ୍ଣ ଅଳଙ୍କାର।

ଚୋରି ବାଇକ୍ (ନଂ. ଓଡ଼ି୦୧ଡି-୮୦୩୧) ସହ ୪୦୦ ଗ୍ରାମ୍ ଓଜନର ସ୍ୱର୍ଣ୍ଣ ଅଳଙ୍କାର ଉଦ୍ଧାର ହୋଇଛି। ଲୁଟ୍ ଘଟଣାର ଅନ୍ୟ ୨ ଅଭିଯୁକ୍ତ ଗଞ୍ଜାମ ଜିଲା କବି ସୂର୍ଯ୍ୟନଗରର କୁନାଲ ବାରିକ ଓ କଲ୍ୟାଣୀ ଥାନା ଖନ୍ତାପଡ଼ାର କୁମାର ରଞ୍ଜନ ମହାଳିକଙ୍କୁ ବୈଶିଙ୍ଗା ଥାନା ପୋଲିସ ବୈଶିଙ୍ଗାର ଏକ ଗହଣା ଦୋକାନରୁ ଲୁଟ୍ ମାମଲାରେ ଗିରଫ କରିଥିଲେ ବୋଲି ଏସ୍‌ଡ଼ିପିଓ ଜାଲି ସୂଚନା ଦେଇଛନ୍ତି। ଅନ୍ୟ ୨ ଅଭିଯୁକ୍ତ ଫେରାର ଥିବା କୁହାଯାଉଛି।

ଗତ ଅକ୍ଟୋବର ୧୬ତାରିଖ ରାତି ପ୍ରାୟ ସାଢ଼େ ୮ଟା ବେଳେ ୬୦ନଂ. ଜାତୀୟ ରାଜପଥ ପାର୍ଶ୍ୱ ନଳବାହାରସ୍ଥିତ ଗହଣା ଦୋକାନ ବନ୍ଦ କରି ମୃତ୍ୟୁଞ୍ଜୟ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ପୂର୍ବ ଯୋଜନା ମୁତାବକ ଏକ ବାଇକ୍‌ରେ ୩ଜଣ ଦୁର୍ବୃତ୍ତଧାରୀ ପୋଲଠାରେ ମୃତ୍ୟୁଞ୍ଜୟଙ୍କୁ ଅଟକାଇ ବାନ୍ଧି ଦେଇଥିଲେ। ରାଜପଥ ପାର୍ଶ୍ୱକୁ ନେଇ ଏକ ପଡ଼ିଆରେ ୩ ଘଣ୍ଟା ଅକ୍ତିଆରରେ ରଖି ଫାଙ୍କା ଗୁଳିଚାଳନା କରି ଭୟଭୀତ କରାଇଥିଲେ। ରାତି ସାଢ଼େ ୧୧ଟାରେ ମାରଣାସ୍ତ୍ର ଦେଖାଇ ମୃତ୍ୟୁଞ୍ଜୟଙ୍କୁ ଗହଣା ଦୋକାନକୁ ନେଇ ଦୋକାନ ଓ ଲକର ଚାବି ଖୋଲିବାକୁ କହିଥିଲେ। ଆଖି ପିଛୁଳାକେ ୩୦ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଲୁଟି ନେଇଥିଲେ ବୋଲି ଥାନାରେ ଅଭିଯୋଗ ହୋଇଥିଲା। ମୃତ୍ୟୁଞ୍ଜୟଙ୍କୁ ପୁଣି ସେହି ପଡ଼ିଆରେ ଛାଡ଼ି ତାଙ୍କ ବାଇକ ନେଇ ଚମ୍ପଟ ମାରିଥିଲେ। ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୩୧୪/୧୯) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ବିଭିନ୍ନ ଥାନାରେ ଲୁଟ୍, ଛିନ୍‌ତାଇ ମାମଲା ବିଚାରାଧୀନ ରହିଛି। ଏନେଇ ପୋଲିସ ଦଫା ୩୯୫, ୪୧୨ ଆଇପିସି ଓ ୨୫, ୨୭ ଆର୍ମସ ଆକ୍ଟ ଅନୁଯାୟୀ ପୁଣି ଏକ ମାମଲା (ନଂ. ୩୧୫/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ମୁଖ୍ୟ ଅଭିଯୁକ୍ତ ଦେବେନ୍ଦ୍ର ଅନ୍ୟ ସହଯୋଗୀଙ୍କ ସହ ଲୁଟ୍ କରିଥିବା ସ୍ୱର୍ଣ୍ଣ ଅଳଙ୍କାର ଗଞ୍ଜାମର ଗହଣା ଦୋକାନୀ ତିରୁମାଲା ଓ ବଲରାଜୁଙ୍କୁ ବିକ୍ରି କରି ନୂଆ କାର୍ କିଣିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଅଭିଯୁକ୍ତ କୁନାଲ ବାରିକ ଗଞ୍ଜାମ ଜିଲାର ମୋଷ୍ଟ ୱାଣ୍ଟେଡ୍ ଥିବା ବେଳେ ଦେବେନ୍ଦ୍ର ଏକ ବଜ୍ରକାପ୍ତା ମାମଲାରେ ମୟୂରଭଞ୍ଜ ଉଦଳା ଥାନା ପୋଲିସ ଦ୍ୱାରା ପୂର୍ବରୁ ଗିରଫ ହୋଇଥିଲେ।

# ନକଲି ସାର୍ଟିଫିକେଟ୍‌ରେ ଚାକିରି, ଷ୍ଟାଇପେଣ୍ଡ ଲୁଟ୍

- ବିଭାଗୀୟ ଅଧିକାରୀ କହୁଛନ୍ତି ତଦନ୍ତ ଚାଲିଛି
- ଉପରଠାଉରିଆ ଯାଞ୍ଚ ଅଭିଯୋଗ
- ଜିଲାରେ ଜାଲ୍ ପ୍ରମାଣପତ୍ର ର୍ୟାକେଟ ସକ୍ରିୟ

**ଭଦ୍ରକ ଅଫିସ,୨୬।୧୧**

ଭଦ୍ରକ ଜିଲାରେ ନକଲି ସାର୍ଟିଫିକେଟ୍ କାରବାର ବୃଦ୍ଧି ପାଇଛି। ଏଭଳି ସାର୍ଟିଫିକେଟ୍ ହାତେଇ କେତେକ ଶିକ୍ଷକତା ଭଳି ସରକାରୀ ଚାକିରି କରିଥିବା ଜଣାପଡିବା ପରେ ଘଟଣା ଚର୍ଚ୍ଚାକୁ ଆସିଛି। ଗତ ମାସକ ମଧ୍ୟରେ ଦୁଇଜଣ ନକଲି ସାର୍ଟିଫିକେଟ୍‌ଧାରୀ ଶିକ୍ଷକଙ୍କୁ ଚାକିରିରୁ ବହିଷ୍କାର କରାଯାଇ ଥାନାରେ ଏତଲା ଦିଆଯିବା ଭଳି ଘଟଣା ଘଟିଛି। ସେହିପରି ନକଲି ଜାତିଗତ ପ୍ରମାଣପତ୍ର ଦେଇ କେତେକ ଘରୋଇ ଅନୁଷ୍ଠାନ ଓ ଛାତ୍ରୀଛାତ୍ର ସରକାରୀ ଷ୍ଟାଇପେଣ୍ଡ ଲୁଟୁଥିବା କୁହାଯାଉଛି। ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ବଳରେ ଜିଲା ଶିକ୍ଷା ବିଭାଗରୁ ତଥ୍ୟ ଅଣାଯାଇ ହୋହଲ୍ଲା କରାଯିବାରୁ ଅନ୍ୟ କେତେକ ଜାଲ ସାର୍ଟିଫିକେଟ୍‌ଧାରୀ ଶିକ୍ଷକ ଇସ୍ତଫା ଦେଇ ଚୁପ୍ ବସିଥିବା ନଜିର ରହିଛି।

ଉଲ୍ଲେଖନୀୟ ଯେ, ଜାଲ୍ ସାର୍ଟିଫିକେଟ କାରବାର ଜିଲା ପାଇଁ କିଛି ନୂଆ କଥା ହୋଇ ରହି ନାହିଁ। ଏଠାରେ ଜାଲ ସାର୍ଟିଫିକେଟ ଯୋଗାଉଥିବା ର୍ୟାକେଟ ସକ୍ରିୟ ଥିବା ସନ୍ଦେହ କରାଯାଉଛି। ଗତବର୍ଷ ଜିଲାରେ ଶିକ୍ଷକତା ପାଇଁ ଆବେଦନ କରିଥିବା ୯ ଜଣ ନକଲି ସାର୍ଟିଫିକେଟ୍‌ଧାରୀଙ୍କୁ ଗିରଫ କରାଯାଇଥିଲା। ଦୁଇମାସ ପୂର୍ବେ ରାଜ୍ୟ ଶିକ୍ଷା ବିଭାଗରୁ ଜିଲାର ସମସ୍ତ ଶିକ୍ଷକଙ୍କ ସାର୍ଟିଫିକେଟ୍ ଯାଞ୍ଚ ପାଇଁ ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟକୁ ନିର୍ଦ୍ଦେଶ ଆସିଥିଲା। ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ବି ବର୍ତ୍ତମାନ ସୁଦ୍ଧା ୩୦ ପ୍ରତିଶତରୁ ଉର୍ଦ୍ଧ୍ୱ ଶିକ୍ଷକଙ୍କ ସାର୍ଟିଫିକେଟ୍ ଯାଞ୍ଚ ହୋଇପାରି ନାହିଁ। କେତେକ ଶିକ୍ଷକଙ୍କ କ୍ଷେତ୍ରରେ ଉପରଠାଉରିଆ ଯାଞ୍ଚ କରାଯାଉ ଥିବାରୁ ନକଲି ଶିକ୍ଷକମାନେ ସହଜରେ ଖସିଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁଙ୍କୁ ପଚାରିବାରୁ କହିଛନ୍ତି, ଜିଲାର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ସାର୍ଟିଫିକେଟ୍ ଯାଞ୍ଚ ପାଇଁ ବୋର୍ଡକୁ ପଠାଯାଇଛି। ବୋର୍ଡ଼ରୁ ପ୍ରତ୍ୟୁତ୍ତର ଆସିବା ପରେ ଏହା ନକଲି ହୋଇଥିବା ଜଣାପଡିଲେ ଆବଶ୍ୟକ ପଦକ୍ଷେପ ନିଆଯିବ। ସେହିଭଳି ନକଲି ଜାତିଗତ ପ୍ରମାଣପତ୍ର ଦେଇ ଜିଲା ମଙ୍ଗଳ କାର୍ଯ୍ୟାଳୟ ମାଧ୍ୟମରେ କେତେକ ଘରୋଇ ଶିକ୍ଷାନୁଷ୍ଠାନ ଷ୍ଟାଇପେଣ୍ଡ ବାବଦ ଟଙ୍କା ହରିଲୁଟ୍ କରୁଥିବା ଅଭିଯୋଗ ହେଉଛି। ଏପରି କି ଦୀର୍ଘଦିନ ଧରି ବନ୍ଦ ପଡିଥିବା ଅନୁଷ୍ଠାନରେ ପାଠ ପଢୁଥିବା ଦର୍ଶାଇ ହରିଜନ ଓ ଆଦିବାସୀ ପିଲାଙ୍କ ନାଁରେ ବୃତ୍ତି ଟଙ୍କା ଲୁଟ୍ କରାଯାଉଛି। ହେଲେ ଏଭଳି ଅଭିଯୋଗ ଉପରେ ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବା ଭଳି ମନେ ହେଉନାହିଁ। ଏନେଇ ଜିଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ଜେନାଙ୍କୁ ପଚାରିବାରୁ କହିଛନ୍ତି, ସମସ୍ତ ସାର୍ଟିଫିକେଟ୍‌କୁ ଏବେ ଯାଞ୍ଚ କରାଯାଉଛି। ଏହାମଧ୍ୟରେ କେତେଜଣ ନକଲି ସାର୍ଟିଫିକେଟ୍‌ଧାରୀଙ୍କୁ ଚିହ୍ନଟ କରାଯାଉଛି। ଆବଶ୍ୟକ ପଡ଼ିଲେ ଏ ନେଇ ପୋଲିସର ଆଶ୍ରୟ ନିଆଯିବ। ସେହିଭଳି ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ନକଲି ସାର୍ଟିଫିକେଟ୍‌ରେ ଷ୍ଟାଇପେଣ୍ଡ ନିଆଯାଉଥିବା ଅଭିଯୋଗ ହସ୍ତଗତ ହେବା ପରେ ଏହାର ଯାଞ୍ଚ ଚାଲିଛି ବୋଲି କହିଛନ୍ତି।

# ପ୍ରଯୁକ୍ତି କୌଶଳ ଶିଖାଇଲା ଆତ୍ମନିଯୁକ୍ତି ବାଟ

- ମୋବାଇଲ ଫୋନରୁ ଜ୍ଞାନ ଆହରଣ
- ଅଣ୍ଡାରୁ ଛୁଆ ଫୁଟାଇବା କୌଶଳ ଶିଖି ଚର୍ଚ୍ଚାରେ ଅଜୟ

**ଖଇରା, ୨୬।୧୧(ଡି.ଏନ.ଏ.)**

ଆଧୁନିକ ପ୍ରଯୁକ୍ତି କୌଶଳ ଶିଖି ଏହାକୁ କାର୍ଯ୍ୟରେ ଲଗାଇଲେ, ଆତ୍ମନିଯୁକ୍ତି ସୁଯୋଗ ଆପଣାଛାଏଁ ହାତରେ ପହଞ୍ଚିଯିବ। ଏକଥା କହନ୍ତି, ବାଲେଶ୍ୱର ଜିଲା ଖଇରା ଅଞ୍ଚଳର ୧୭ ବର୍ଷର କିଶୋର ଅଜୟ ସାହୁ। ତାଙ୍କ ଦେହ ଅସୁସ୍ଥ ରହିବାରୁ ଯୁକ୍ତ ୨ ବାଣିଜ୍ୟ ପଢୁଥିବା ବେଳେ ଆଉ ଅଧିକ ପାଠ ପଢିପାରି ନ ଥିଲେ। ଶିକ୍ଷା ଲାଭରୁ ବଞ୍ଚିତ ହେବା ପରେ ବେକାର ହୋଇ ଘରେ ବସି ମା' ବାପା ଉପରେ ବୋଝ ହେବା ଚିନ୍ତା ତାଙ୍କୁ ଅଥୟ କରିଥିଲା। ନିଜେ କିଛି ବ୍ୟବସାୟ କରି ଆତ୍ମନିର୍ଭରଶୀଳ ହେବା ସହ ପରିବାରକୁ ସହାୟତା କରିବା ଲକ୍ଷ୍ୟରେ ସେ ରହିଥିଲେ। ନିଜେ ବ୍ୟବହାର କରୁଥିବା ମୋବାଇଲ ସର୍ଚ୍ଚ କରି କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରେ କିଭଳି ପ୍ରଯୁକ୍ତି କୌଶଳ ବ୍ୟବହାର କରାଯାଉଛି, ତାହା ଶିଖିବାକୁ ମନ ବଳାଇଥିଲେ। ଏଭଳି ପ୍ରୟାସରୁ ଅଜୟ ଅଣ୍ଡାରୁ କୃତ୍ରିମ ଉପାୟରେ କୁକୁଡା ଛୁଆ ଫୁଟାଇବା କୌଶଳ ଶିଖି ତାହାକୁ କାମରେ ଲଗାଇବାକୁ ଉଦ୍ୟମ କରିଥିଲେ। ତାଙ୍କ ଚେଷ୍ଟା ସଫଳ ହେଲା। ଏବେ ସେ ନିଜ ଘରେ ଅଣ୍ଡାରୁ କୁକୁଡା ଛୁଆ ଫୁଟାଇ ଏହାକୁ ବ୍ୟବସାୟର ରୂପ ଦେଇ ଭଲ ଦୁଇପଇସା ରୋଜଗାର କରୁଛନ୍ତି। କୁକୁଡା ବ୍ୟବସାୟୀମାନେ ନିଜ ଘରେ ବସି ଅଳ୍ପ ଖର୍ଚ୍ଚରେ ନିଜ ଫାର୍ମ ପାଇଁ କୁକୁଡାଛୁଆ ଆବଶ୍ୟକତା ମେଣ୍ଟାଇ ପାରିବେ ବୋଲି ସେ କହିଛନ୍ତି।

ଅଜୟ କହିଛନ୍ତି, ସେ ମୋବାଇଲରେ ୟୁଟ୍ୟୁବ ଦେଖି ଅଣ୍ଡାରୁ କିଭଳି କୃତ୍ରିମ ଉପାୟରେ କୁକୁଡା ଛୁଆ ପ୍ରଜନନ କରାଯାଇପାରୁଛି, ସେହି ଜ୍ଞାନ ଆହରଣ କରିଥିଲେ। ପରେ ସେ ନିଜେ ସେ ଏହାକୁ ପରୀକ୍ଷା କରି ସଫଳ ହୋଇଥିଲେ। ଏଥିପାଇଁ ମାତ୍ର ୩ଟି ମେଶିନ ଆବଶ୍ୟକ ପଡୁଛି। ତାହା ହେଲା ଆର୍ଦ୍ରତା, ତାପ ଓ ଲାଇଟ ନିୟନ୍ତ୍ରଣ ମେଶିନ। ଏଥିପାଇଁ ତାଙ୍କୁ ୨ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡିଥିଲା। ଏଭଳି ଯନ୍ତ୍ର ପ୍ରସ୍ତୁତ କରି ସେ ତାହାକୁ ୩ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ଏକ ପେଟି ଭିତରେ ପ୍ରଥମେ ଏହି ସରଞ୍ଜାମ ସହ ଅଣ୍ଡା ରଖିବାକୁ ପଡିଥାଏ। ୨୧ଦିନ ମଧ୍ୟରେ ସେହି ଅଣ୍ଡାରୁ କୁକୁଡା ଛୁଆ ଜନ୍ମ ନେଇଥାଏ। ଉକ୍ତ ପେଟିରେ ୧୦୦ଅଣ୍ଡା ରଖିବା କ୍ଷମତା ରହୁଛି। ସେଥିରୁ ୮୦ରୁ ୧୦୦ଟି ପର୍ଯ୍ୟନ୍ତ ଛୁଆ ଜନ୍ମ ନେଉଥାନ୍ତି। ଘରେ ବସି କୁକୁଡା ଛୁଆ ଫୁଟାଇବା କୌଶଳ ବାହାର କରି ଅଜୟ ଏବେ ଚର୍ଚ୍ଚାକୁ ଆସିଛନ୍ତି। ବିଭିନ୍ନ ସ୍ଥାନରୁ ଲୋକେ ଆସି ତାଙ୍କଠାରୁ ଏହି କୌଶଳ ଶିଖିସାରିଲେଣି। ପୁଅର ଏଭଳି ସଫଳତା ଦେଖି ମା' କୁନ୍ତଳତା ଓ ବାପା ବଳରାମ ସାହୁ ଖୁସି ପ୍ରକାଶ କରିଛନ୍ତି।



ସରଞ୍ଜାମ ସହ ଅଜୟ।






# ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ପ୍ରଶାସନ

## ପୁଣି ପଦଯାତ୍ରାରେ ବାହାରିଲେ ଛାତ୍ରୀଛାତ୍ର

**ବାରିପଦା ଅଫିସ,୨୬।୧୧:** ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଦୀର୍ଘ ଦିନ ହେବ ଛାତ୍ର ଅଶାନ୍ତି ଲାଗି ରହିଛି। ଏଠାରେ ସମନ୍ୱିତ ବିଏଡ, ଏମଏଡ ପାଠ୍ୟକ୍ରମରେ ଅଧ୍ୟୟନ କରଥିବା ଛାତ୍ରୀଛାତ୍ରଙ୍କୁ କେବଳ ଏମଏଡ ପାଠ୍ୟକ୍ରମ ଦ୍ୱିତୀୟ ପରୀକ୍ଷା ଦେବା ପାଇଁ ଅନୁମତି ମିଳୁଛି। ଫଳରେ ସେମାନେ ବିଏଡ ପାଠ୍ୟକ୍ରମ ସମ୍ବନ୍ଧୀୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା ଯଥା ଓଟିଇଟି, ଓଏସଏସଟିଇଟି ଏବଂ ସିଟିଇଟିରୁ ବଞ୍ଚିତ ହେଉଛନ୍ତି। ଏନେଇ ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ, ଉଚ୍ଚ ଶିକ୍ଷା ବିଭାଗକୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କିଛି ସୁଫଳ ପାଇପାରି ନ ଥିଲେ। ଏନେଇ ଛାତ୍ରନେତା ଦୁର୍ଯୋଧନ ବେହେରାଙ୍କ ନେତୃତ୍ୱରେ ଦ୍ୱିତୀୟ ଥର ପାଇଁ ଭୁବନେଶ୍ୱର ଅଭିମୁଖେ ମଙ୍ଗଳବାର ପଦଯାତ୍ରାରେ ବାହାରିଛନ୍ତି। ସନ୍ଧ୍ୟା ୫ଟା ସୁଦ୍ଧା ସେମାନେ ବେତନଟୀ ଥାନା ଅଧୀନ ରାଗଧାଠାରେ ପହଞ୍ଚି ଥିବା ବେଳେ ସନ୍ଧ୍ୟାରେ ସେମାନଙ୍କୁ ପଦଯାତ୍ରା କରିବାକୁ ପୋଲିସ ବାରଣ କରିଛି। ଫଳରେ ବୁଧବାର ସକାଳୁ ପୁନଃ ପଦଯାତ୍ରା ଆରମ୍ଭ ହେବ ବୋଲି ଛାତ୍ର ନେତା ବେହେରା କହିଛନ୍ତି। ଅନ୍ୟପକ୍ଷେ ଜିଲା ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ସେମାନଙ୍କୁ ବୁଝାଶୁଝା ପାଇଁ ଯାଇ ନାହାନ୍ତି। ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପାଳନରେ ଜିଲା ପ୍ରଶାସନ ବିଫଳ ହୋଇଥିବାରୁ ସେମାନେ ଏହି ପଦଯାତ୍ରା କରୁଥିବା ଛାତ୍ରୀଛାତ୍ରମାନେ କହିଛନ୍ତି। ମଙ୍ଗଳବାର ଏହି ବିଶ୍ୱବିଦ୍ୟାଳୟରେ କୁଳାଧିପତି ତଥା ରାଜ୍ୟପାଳ ଗଣେଶୀ ଲାଲଙ୍କ କାର୍ଯ୍ୟକ୍ରମ ଥିବା ବେଳେ ଛାତ୍ରୀଛାତ୍ରମାନେ ପଦଯାତ୍ରାରେ ବାହାରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ଛାତ୍ରୀଛାତ୍ରମାନେ ପୂର୍ବରୁ ଗତ ୫ ତାରିଖରେ ପଦଯାତ୍ରାରେ ବାହାରିଥିଲେ। ସେମାନଙ୍କୁ ଏମପିସି ଅଟୋନମସ କଲେଜ ନିକଟରେ ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମଦାସ ଅଟକାଇ ଆଲୋଚନା କରିଥିଲେ। ପରେ ଜିଲାପାଳ ବିନୀତ ଭରଦ୍ୱାଜ ୩ ଦିନ ମଧ୍ୟରେ ଏହାର ସମାଧାନ ନେଇ ପ୍ରତିଶ୍ରୁତି ଦେବାରୁ ଛାତ୍ରୀଛାତ୍ରମାନେ ଏଥିରୁ ଓହରିଥିଲେ। ଛାତ୍ରନେତା ବେହେରାଙ୍କ କହିବା ଅନୁଯାୟୀ ଦୀର୍ଘ ଦିନ ହେବ ଏହି ଦାବି ନେଇ ସେମାନେ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ, ଗଣଶିକ୍ଷା ସଚିବ, ଜାତୀୟ ଶିକ୍ଷକ ଶିକ୍ଷଣ ପରିଷଦର ଆଞ୍ଚଳିକ ସମିତି, ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ.ଅରୁଣ ସାହୁ, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅବଗତ କରାଇଥିଲେ ସୁଦ୍ଧା କିଛି ସୁଫଳ ପାଇନାହାନ୍ତି। ଛାତ୍ରନେତା ଭକ୍ତହରି ମିଶ୍ର, ରାହୁଲ ନନ୍ଦି, ଦିବ୍ୟସିଂ ବେହେରା, ଗଣେଶ ନନ୍ଦ, ଚାରୁଚାପଳା ଦାସ, ଚିନ୍ମୟୀ ପ୍ରିୟଦର୍ଶିନୀ, ସୁରେଖା ମହାନ୍ତ ପ୍ରମୁଖଙ୍କ ସମେତ ୧୨୦ ଜଣ ଛାତ୍ରୀଛାତ୍ର ପଦଯାତ୍ରାରେ ସାମିଲ ହୋଇଛନ୍ତି।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

